ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. –ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ,ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.- ୧୨ | ପାଣିପାଗ ଜନିତ କୃଷି ଉପଦେଶ | ତାରିଖ –୧୯.୦୩.୨୦୨୪

## ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ ଏବଂ ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୧୫.୦୩.୨୦୨୪ | ୧୬.୦୩.୨୦୨୪ | ୧୭.୦୩.୨୦୨୪ | ୧୮.୦୩.୨୦୨୪ |
| ବୃଷ୍ଟିପାତ (ମି.ମି.) | ୦.୦ | ୨.୪ | ୦.୦ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୪ | ୩୪ | - | ୩୩ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୫ | ୧୬ | ୧୫ | - |

## ଆସନ୍ତା ପାଞ୍ଚ ଦିନର (୨୦.୦୩.୨୦୨୪ ଠାରୁ ୨୪.୦୩.୨୦୨୪) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ପରିଷ୍କାର ରୁ ସମ୍ପୂର୍ଣ ମେଘୁଆ ପାଗ ରହିବ ଏବଂ ଆଗାମୀ ପାଞ୍ଚ ଦିନ ମଧ୍ୟରେ ୨୦ ଏବଂ ୨୧ ମାର୍ଚ ରେ ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ୨୨, ୨୩ ଓ ୨୪ ମାର୍ଚ ରେ ବର୍ଷ ହେବା ର ସମ୍ଭାବନା ନାହି । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨୯ ରୁ ୩୪ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୫ ରୁ ୧୬ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୭ ରୁ ୮୦ ଏବଂ ୧୬ ରୁ ୩୬ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୨୦.୦୩.୨୦୨୪ | ୧୫ | ୨୯ | ୧୬ | ୮ | ୮୦ | ୨୯ | ୯ | ୨୦୨ |
| ୨୧.୦୩.୨୦୨୪ | ୫ | ୨୯ | ୧୫ | ୮ | ୬୦ | ୩୬ | ୬ | ୧୨୦ |
| ୨୨.୦୩.୨୦୨୪ | ୦ | ୩୧ | ୧୬ | ୪ | ୬୮ | ୨୨ | ୭ | ୧୨୪ |
| ୨୩.୦୩.୨୦୨୪ | ୦ | ୩୩ | ୧୬ | ୦ | ୫୭ | ୧୬ | ୮ | ୨୨୫ |
| ୨୪.୦୩.୨୦୨୪ | ୦ | ୩୪ | ୧୬ | ୦ | ୫୯ | ୧୪ | ୯ | ୨୧୪ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

ସାଧାରଣ:

- ଶେଷ ଓଡ଼ ଚାଷ ସମୟରେ ଜମିରେ ସଢା ଗୋବର ଖତ ଅଥବା ଜିଆ ଖତ ପ୍ରୟୋଗ କରନ୍ତୁ ।
- ଯେକୌଣସି ଫସଲ ରୋଇବା ପୂର୍ବରୁ ନିକଟବର୍ତ୍ତୀ ମୃତ୍ତିକା ପରିକ୍ଷା କେନ୍ଦ୍ରରେ ମାଟି ପରୀକ୍ଷା କରନ୍ତୁ ।
- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡରେ ଉଲ୍ଲେଖ କରାଯାଇଥିବା ମାଟି ପରୀକ୍ଷା ଭିତ୍ତିକ ସୁପାରିଶ ଅନୁଯାୟୀ ସମସ୍ତ ଫସଲରେ ସନ୍ତୁଳିତସାର ପ୍ରୟୋଗ କରନ୍ତୁ।

ଧାନ:

- ତାପମାତ୍ରା ବୃଦ୍ଧି ହେତୁ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନାଥାଏ । ନିରୀକ୍ଷଣ ପାଇଁ ଏକର ପିଛା ୩ ଟା ଫେରୋମନ ଯନ୍ତା ରଖନ୍ତୁ, ଯେତେବେଳେ ପୁରୁଷ ପ୍ରଜାତିର ସଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ ତେବେ ପ୍ରତି ଲିଟର ପାଣିରେ ୦.୩ ମି.ଲି. କ୍ଲୋରନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୨ ମି.ଲି. ଫିପ୍ରୋନିଲ୍ ୫%ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।
- ଧାନ ଜମିରେ କବକ ଜନିତ ପତ୍ରପୋଡା ରୋଗ ଦେଖାଦେଲେ ନିୟନ୍ତ୍ରଣ କରିବାପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଏବଂ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ୫୦ % ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।

ଚିନାବାଦାମ:

- ତାପମାତ୍ରା ବୃଦ୍ଧି ହେତୁ ଚିନାବାଦାମ ଫସଲରେ ନାଲି ସଁବାଳୁଆ ପୋକ ଏବଂ ଧୂଆଁ ପତ୍ର ଗୋଟିପୋକ ଦେଖାଦେବାର ସମ୍ଭାବନା ଅଛି, ଏଗୁଡିକ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. କିମ୍ବା ୦.୨ ମି.ଲି. ଫ୍ଲୁବେନଡିଆମାଇଡ୍ ୪୮୦ ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।

ଡାଲିଜାତୀୟ ଫସଲ:

- ମୁଗ ଜମିରେ ସାହେବୀ ରୋଗର ବାହକକୁ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୨୦% ଏସ୍.ପି. ମିଶାଇ ସିଞ୍ଚନ କରନ୍ତୁ ।

ପିଆଜ:

- ପିଆଜ ଚାରା ୮ ସପ୍ତାହ ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ, ଏକରକୁ ୨ ଟନ ଗୋବର ଖତ, ୨୭ କିଲୋ ୟୁରିଆ, ୪୩ କିଲୋ ଡ.ଏ.ପି., ୩୩ କିଲୋ ଏମ.ଓ.ପି. ଓ ୨୦ କିଲୋ ସଲଫର ପ୍ରୟୋଗ କରନ୍ତୁ ।

ପନିପରିବା ଫସଲ:

- ଟମାଟୋ ଫସଲରେ ଧଳା ମାଛି ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୦.୪ ଗ୍ରାମ୍ ଥାଅମିଥୋକ୍ସାମ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦମନ କରିବା ପାଇଁ ଏକର ପିଛା ୭୦ ମି.ଲି. ସ୍ପିନୋସାଡ୍ ୪୫% ଏସ୍.ସି. ଏବଂ ଥାଓଡିକାର୍ବ ୭୫% ବିକଳ୍ପ ଭାବରେ ୧୫ ଦିନ ଅନ୍ତରାଳ ସିଞ୍ଚନ କରନ୍ତୁ ।

ଆମ୍ବ:

- ବର୍ତ୍ତମାନ ଅବସ୍ଥାରେ ଆମ୍ବ ଡାହାଣୀ ପୋକ ଦେଖାଦେଇପାରେ, ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୧ ରୁ ୨ ମି.ଲି. ବୁପ୍ରୋଫେଜିନ୍ ୨୫% ଏସ୍.ସି. କିମ୍ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ଆମ୍ବ ଗଛରେ ସିଞ୍ଚନ କରନ୍ତୁ ।
- ଆମ୍ବ ଫଳ ମଟର ଦାନା ଏବଂ ମାର୍ବଲ ଆକୃତି ଅବସ୍ଥାରେ ହୋଇଗଲେ ପ୍ରତି ୧୦ ଲିଟର ପାଣିରେ ୪.୫ ମି.ଲି. ଆଲଫା ନାପଥାଇଲ୍ ଏସିଟିକ୍ ଏସିଡ୍ ୪.୫% ଏସ୍.ଏଲ୍. (ପ୍ଲାନୋଫିକ୍ସ) ମିଶାଇ ଗଛରେ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)